# ମୁକ୍ତ ବିଶ୍ୱବିଦ୍ୟାଳୟରେ ଶିକ୍ଷାର୍ଥୀ ସ୍ୱାଗତ ଉତ୍ସବ



କେନ୍ଦ୍ରାପଡ଼ା,୨୦।୮ (ଆପ୍ର): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିଥିବା ନୂତନ ଶିକ୍ଷାର୍ଥୀଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥାନୀୟ ସଂଯୋଜକ ଡ. ପ୍ରଦୀପ୍ତ କିଶୋର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଉଦ୍ଘାଟନ କରିଥିଲେ । ଅଧ୍ୟାପକ ଡ. ଶ୍ରୀଧର ସାମଲ, ଅଧ୍ୟାପକ ରଞ୍ଜିତ କୁମାର ଦାଶ, ଡ. ସେକ୍ ହବିବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷାର୍ଥୀମାନେ ଯୋଗଦାନ କରି ସେମାନଙ୍କର ପରିଚୟପତ୍ର ଏବଂ ପାଠ୍ୟପୁସ୍ତକ ଗ୍ରହଣ କରିଥିଲେ । ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟାପକ ଡ. ବୀରେନ କୁମାର ରାଉତ, ଡ. ଗୌରମୋହନ ଷଡ଼ଙ୍ଗୀ, ଅଶୋକ କୁମାର ଦାସ, ଜ୍ୟୋତିପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ କ୍ଷୀତିଶ କୁମାର ସିଂହ, ସ୍ନେହଶିଷ ଶୁଭଦର୍ଶିନୀ ଜେନା ସେମାନଙ୍କର ଅଭିମତପ୍ରଦାନ କରିଥିଲେ । କ୍ରୀଡ଼ା ପ୍ରଶିକ୍ଷକ ଜ୍ୟୋତିର୍ମୟୀ ଦାସ, କୁମାର ଚନ୍ଦ୍ର ମଲ୍ଲିକ, କରୁଣାକର ପତି, ରମେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।